


ଦିନ ୧୦ଟା ବାଜିଲାଣି । ଶୀତଦିନିଆ ମାଇ କାକରଗୁଡ଼ାକ କେତେବେଳୁ ସୂର୍ଯ୍ୟଙ୍କର କିରଣ ଜାଳରେ ବାଷ୍ପୀଭୂତ ହେବାକୁ ବସିଲାଣି । ହେଲେ ସନିଆର ନିଦ ଭାଙ୍ଗୁ ନାହିଁ । ବିସ୍ତୀର୍ଣ୍ଣ ଆକାଶ ତଳେ ଅନେକ ଝୁମ୍ପୁଡ଼ିମାନଙ୍କ ଭିତରୁ ଗୋଟିକରେ ସନିଆ ଗାଢ଼ ନିଦରେ ଶୋଇଯାଇଛି । ଗତ ରାତିର ଡାକ ଗାଡ଼ିଟାକୁ ଅନାଇ ଅନାଇ ଗୋଟିଏ ଯାତ୍ରୀ ପାଇବ ବୋଲି ରାତି ଚାରିଟା ବେଳକୁ ଆସିଛି । ଶୀତ ଦିନର ଟାଣୁଆ ଖରାଟାପଡ଼ି ବି ତା'ର ନିଦ ଭାଙ୍ଗୁ ନାହିଁ । ସନିଆ ଶୋଇଯାଇଛି । ପୁଷି ସନିଆର ସ୍ତ୍ରୀ । ରେଜା ପାଇଟି କରିବାକୁ ଯିବ ବୋଲି ସନିଆକୁ ଡାକ ପକାଇଲା ।

ଷ୍ଟେସନ ପାଖରେ କାମ କରିବା ବେଳକୁ ସେ ନା ସନିଆକୁ ଚିହ୍ନିଥିଲା, ନା ସନିଆ ପୁଷିକୁ । ଯେଉଁଦିନ ସେ ସନିଆକୁ ପ୍ରଥମେ ଦେଖିଲା, ତା' ମନରେ ସହସ୍ର ଇନ୍ଦ୍ରଧନୁର ରଙ୍ଗର ସୃଷ୍ଟି ହୋଇଥିଲା, ସନିଆର ବଳିଲା ବଳିଲା ଲୋଭିଲା ଦେହକୁ ଦେଖି । ପୂରିଲା ପୂରିଲା ଆଖିରେ ସନିଆ ବି ଅନେକ ଦିନ ଘଣ୍ଟା ଘଣ୍ଟା ଧରି କାମ କରୁଥିବା ପୁଷିର ଦେହକୁ ଲୋଭିଲା ଲୋଭିଲା ଆଖିରେ ଅନାଇ ରହେ । ପୁଷି ଲାଜରେ ସରମିଯାଇ ମିସ୍ତ୍ରୀ ପାଖରେ ଫେରାଦିଆ ହୁଏ ଯେ, ସେ ଲୋକଟା, ମାନେ ସନିଆ ଏମିତି ଢେଗା ଢେଗା ଆଖିରେ କାହିଁକି ପୁଷିକୁ ଚାହିଁ ରହେ । ପୁଷି କ'ଣ ଜାଣିଥିଲା ଯେ ସେଇ ସନିଆ ତା'କୁ ଦିନେ ଧରି ନେଇଯିବ ଏବଂ ପୁଷିର ଘରସଂସାର ସନିଆକୁ ନେଇ ଝଲମଲ୍ ହେବ ବୋଲି ।

ଘର ବୋଲେ ଏ ପଟୁ ଦକ୍ଷିଣା ପବନଟା ପଶି ଅନ୍ୟ ପଟେ ଖୁସିରେ ବାହାରିଯାଏ । ସାଇର କୁକୁର ପିଲାଟା ବେଳେ ବେଳେ ସନିଆର ଡେଙ୍ଗଡ଼ା ତଳେ ଲୁଚକାଳି ଖେଳେ । ତିନି ଖଣ୍ଡ ଶେଣିକୁ ନେଇ ସନିଆ ତା'ର ଝାଟିମାଟିର ଘର ଠିଆ କରିଛି । ସନିଆ ରାତି ରାତି ଅନିଦ୍ରା ରହି ପଇସା କମାଇବାକୁ ଚେଷ୍ଟା କରେ ଏବଂ ଯାହାପାଏ ଆପାରାଓ, ମାଝି, ବଇଦା ଓ ରାମୁ ସାଙ୍ଗରେ ବସି ହସଖୁସିରେ ମଦ ପିଇ ଉଡ଼ାଇଦିଏ । ରାତିରେ ବେଳେ ବେଳେ ଘରକୁ ଆସି ପୁଷିକୁ ହଇରାଣ କରେ । ବେଳେ ବେଳେ ପେଟେ ପିଇ ଷ୍ଟେସନ ଚଉପାଠୀରେ ତାର ଦୀର୍ଘ ଆଡ଼ା ଚଉଡ଼ା ଦେହଟାକୁ ଲମ୍ବାଇ ଦେଇ ଶୋଇଯାଏ । କେବେ କ'ଣ ପାଉଁରୁଟିଟାଏ ଖାଇଦିଏ ତ କେବେ ଘରକୁ ଆସି ପୁଷିକୁ ଖାଇବାକୁ ମାଗେ । ପୁଷି ଦିନେ ଦିନେ ସନିଆଘରକୁ ନ ଫେରିଲେ ରେଳବାଇ ଚଉତରାରୁ ସନିଆକୁ ଉଠାଇ ନିଜ ସାହାରାରେ ଘରକୁ ନେଇଆସେ ।

ପୁଷିକୁ ଯେଉଁଦିନ ସନିଆ ତା'ର ଘରକୁ ବାହାହୋଇ ଆଣିଲା, ସେଦିନ ପେଟପୂରା ଭୋଜନ ଦେଇଥିଲା ତାର କୁଲି ସାଙ୍ଗମାନଙ୍କୁ । ସନିଆ ଘର ଘର ବୁଲି ସମସ୍ତଙ୍କୁ ଡାକିଥିଲା ତା'ର ବାହାଘର ଭୋଜି ଖାଇବା ପାଇଁ । ଆଉ ଏକଥା ମଧ୍ୟ କହିବାକୁ ଭୁଲି ନଥିଲା ଯେ ତା' ପୁଷିଟା ବୋଧହୁଏ କୋଟିକରେ ଗୋଟିଏ । ଯେଉଁ ସନିଆ ଷ୍ଟେସନର ଗୋଟିଏ କଣରେ ଦିନ ଦିନ ଧରି ବସିରହି ପୁଷିକୁ ଦେଖିବାର ପ୍ରଚେଷ୍ଟା କରିଥିଲା, ଆଜି ସେଇ ପୁଷି, ତା'ର ସ୍ୱପ୍ନର ରାଣୀ ତା'ର ଘରକୁ କନିଆଁ ହୋଇ ଆସିବ । ସେଦିନ ମନଦେଇ ସାରା ଜୀବନର ସମସ୍ତ ଖୁସି ଉତ୍ସର୍ଗ କରିଥିଲା ପୁଷି । ମନଦେଇ ମନନେଇ ସେଦିନ ପୁଷି ସନିଆକୁ ତୃପ୍ତିର ପରମ ପ୍ରଶାନ୍ତି ଦେଇଥିଲା ଏବଂ କହିଥିଲା, ସନିଆରେ! ତୁ କେବେ ବି ମୋତେ ଛାଡ଼ି ଯିବୁନି ରେ । ସେଇ ଝାଟିମାଟି ଘରର ସମ୍ରାଟ ସନିଆ ଦିନ ଦିନ ଧରି ପୁଷି ପାଖରେ ଗେଲେଇ ହୋଇ ଖାଇବା ପିଇବା ଭୁଲିଗଲା । ମଦ ତା'ର ଜୀବନର ଯାହା ସବୁଠାରୁ ପ୍ରିୟତମ ଥିଲା ତାହା ବୋଧହୁଏ ପୁଷିର ଦେହ ଓ ମନଠାରୁ କୌଣସି ଗୁଣରେ ପ୍ରିୟତର ହୋଇ ପାରିଲା ନାହିଁ ।

ଶୀତ ରାତିଟା ଯେତିକି ଦୀର୍ଘରୁ ଦୀର୍ଘତର ହୁଏ, ଶୀତର ଲହରୀଟା ସେତିକି ଅଧିକରୁ ଅଧିକ ହୁଏ ଏବଂ ସନିଆର ମସୃଣ ଦେହଟା ସେତିକି ସେତିକି ପୁଷିର କଅଁଳିଆ ଦେହରେ ମାଡ଼ିହୋଇ ପଡ଼େ । ପୁଷି ବୋଧହୁଏ ସନିଆର ବଳିଷ୍ଠ ଓସାରିଆ ଛାତି ଉପରେ ନିଜକୁ ଅଜାଡ଼ି ଦେଇ ସାରା ବିଶ୍ୱରେ ରାଣୀ ହେବାର ସୌଭାଗ୍ୟ ଅର୍ଜନ କରେ । ପୁଷି ଭାବେ ଯେ ସାରା ସଂସାରରେ ସେ ଏକମାତ୍ର ପ୍ରଗଲ୍‌ଭା ନାୟିକା ଆଉ ତା'ର ଏକମାତ୍ର ବଳିଷ୍ଠ ନାୟକ ସନିଆ ।

ଦିନେ ଦିନେ ରାତିରେ କଣାଛାତ ଦେଇ ଘରେ ପଡୁଥିବା ଶୀତଳ ଆଲୋକ ଜ୍ୟୋତ୍ସ୍ନାରେ ଅନେକ ସୁନ୍ଦର ସୌଧ ତିଆରି କରି ଚାଲିଥାନ୍ତି ସନିଆ ଓ ପୁଷି । ସେମାନେ ଗୋଟିଏ ସୁନ୍ଦର ଓ ଛୋଟ ଘର ତିଆରି କରି ରହିବେ । ତାଙ୍କର କୁନି କୁନି ଦୁଇଟି ପିଲା ହେବେ । ଦୁଇରୁ ଅଧିକ ଛୁଆ ସେମାନେ କରିବେନି ବୋଲି ସର ଦେଇ ବିବାହ ଦିନ ତା'କୁ କହିଥିଲେ । ଆଉ ସେଥିପାଇଁ ସେମାନେ ଦୁଇଟି ଛୁଆ ମଧ୍ୟରେ ସେମାନଙ୍କର ପରିବାରକୁ ସୀମିତ ରଖିବେ ବୋଲି ଯେପରି ବଜ୍ର ଶପଥ ନେଇଛନ୍ତି ।

ଗଲା ବର୍ଷାରେ ଅନେକ ଭିଜି ଭିଜି ପୁଷି କାମକରି ପଇସା ରୋଜଗାର କରିବାରେ ଦିନେ ହଠାତ୍ ତା'ର ଦେହରେ ତାତି ଆସି ବାନ୍ତି ହେବାରେ ଲାଗିଲା । ସନିଆ ଏ ମାଇକିନିଆ ଢଙ୍ଗଢାଙ୍ଗରେ ପୂରାପୂରି ଭାବରେ ଅଭ୍ୟସ୍ତ ନ ଥାଏ । ପାଖ ପଡ଼ିଶାର ଭାଉଜକୁ ଡାକି ସନିଆ ପୁଷିକୁ ଦେଖେଇଲା ଏବଂ ସେମାନଙ୍କଠାରୁ ଯାହା ଶୁଣିଲା ସେଥିରେ ତା'କୁ ସ୍ୱର୍ଗ ତାର ହାତ ମୁଠାରେ ପାଇବା ପରି ଅନୁଭବ ହେଲା । ପୁଷି କାଲେ ମା' ହେବାର ସୌଭାଗ୍ୟ ପାଇଛି ଆଉ ସନିଆ ହେବ ବାପା । ଦୂର ଦିଗ୍‌ବଳୟ ଧାରରେ ସଂଧ୍ୟାତାରା ଦେଖି ଏହା ଭଲକାମ ପାଇଁ ସୁନ୍ଦରତମ ସମୟ ଭାବି ସନିଆ ପୁଷିକୁ ତା'ର ଆଙ୍ଗୁଳି ଦେଖାଇ ଧରିବାକୁ କହେ । ପୁଷି ସନିଆର ଗୋଟିଏ ଆଙ୍ଗୁଳି ଧରିବାରୁ, ସନିଆ ପୁଷିକୁ କୁଣ୍ଢାଇ ପକାଇ କହେ ପୁଷି ଲୋ ତୋର ଗୋଟେ ସୁନାନାକୀ ଝିଅ ହେବ ଆଉ ମୋର ସବୁକାମ ସେ କରିବ ଓ ତୋର ହାତରୁ ବି କାମ ଛଡ଼ାଇ ନେବ ।

ଏବେ ସନିଆ ଅଧିକ ସମୟ କାମକରି ଭଲ ପଇସା ରୋଜଗାର କରେ । ପୁଷିର ଅଣ୍ଟିରେ ପଇସା ଆଣି ଅଜାଡ଼ିଦେଇ କହେ, ପୁଷିଲୋ ! ଆମର ପିଲାପିଲି ହେବାର ଶୁଣି ମୁଁ ମଦ ପିଇବା ଛାଡ଼ି ଦେଇଛି । ଝିଅ ପାଇଁ ତ କିଛି ରଖିବାକୁ ହେବ । ତୋ' ପାଇଁ ବିବାହ ପରେ ବି ମୁଁ କିଛି କରିପାରି ନାହିଁ । ଆଜି କାନର ଗୋଟେ ହଲ ଝୁମୁକା ନେଇ ଆସିବି ତୋ' ପାଇଁ । ଏସବୁ ଶୁଣି ପୁଷି ହତପ୍ରଭ ହୋଇଯାଏ । ସନିଆ ଯେ କ'ଣ କ'ଣ ଗପି ଯାଉଛି, ସେ ବୁଝିବାକୁ ଚେଷ୍ଟାକରି ବି ବୁଝି ପାରେନା । ସେ ଭାବେ ସାରା ପୃଥିବୀରେ ଯଦି ତା'କୁ ଗୋଟିଏ ମଣିଷ ସ୍ନେହ ପ୍ରେମ ଓ ଆନ୍ତରିକତା ଦେଖାଏ ସେ ବୋଧହୁଏ, ସନିଆ କେବଳ । ସନିଆ ଏକାକୀ ।

ଦିନେ ଦିନେ ଡାକ ଗାଡ଼ିଟା ଡେରିରେ ଗଲାପରେ ସନିଆ ଘରକୁ ଆସି ଝଣ୍ ଝଣ୍ କରି ଗୁଡ଼ାଏ ପଇସା ପୁଷିର କୋଡ଼ରେ ଅଜାଡ଼ି ଦେଇ କହେ - ପୁଷି ଲୋ ! ବହୁତ ଭୋକ ହେଲାଣି କଣ ରଖିଛୁ ବାଢ଼େ, ଖାଇବା । ଭୋକ ହେଲାଣି । ମାତ୍ର ଆଜିର ସମୟ

ଯେପରି ନିଆରା । ଡାକ ଗାଡ଼ି ଗଲାପରେ ବି ପୁଷି ଅନେଇ ବସିଛି ସନିଆକୁ । ତା'ର ଦେଖା ନାହିଁ । ପୁଷି ଦଉଡ଼ି ଦଉଡ଼ି ଷ୍ଟେସନରେ ଆପାରାଓକୁ ପାଇ ପଚାରି ବୁଝିଲା ଏବଂ ଖବର ପାଇଲା ସନିଆ ଜଣେ ଭଦ୍ରଲୋକ ସହିତ ସାମାନ ମୁଣ୍ଡାଇ ବାହାରକୁ ଯାଇଛି । ହୁଏତ ଡେରିରେ ଆସିପାରେ । ସନିଆ ସେପରି କେବେ କରି ନାହିଁ । ପୁଷି ମନଟା ମାରି ଭାରୀ ଦେହଟାକୁ ଶେଯ ଉପରେ ପକାଇ ସକାଳର କିରଣ ତା'ର ଘରେ ପଡ଼ିବା ଯାଏଁ ଆଖି ପଲକ ପକାଇ ପାରିଲା ନାହିଁ । ପେଟ ଭିତରେ କଅଁଳାପିଲାଟା ଗଲାରାତିରୁ ଖାଇବାକୁ ନ ପାଇ ଏପଟ ସେପଟ ହେଉଛି । ପୁଷି ମନରେ ଭୂତ ସବାର ହେବାରେ ଲାଗିଛି । ରାତିର ନୀରବତା ଯେତେ ଗାଢ଼ ହେବାରେ ଲାଗିଲା, ପୁଷିର ମନର କପୋତୀଟା ସେତେ ଅଧିକ ଅଧିକ କାନ୍ଦିବାରେ ଲାଗିଲା । ଏ ନିସ୍ତବ୍ଧ ରାତିରେ ଘନ ଅନ୍ଧକାର ଭିତରେ କେତେଜଣ ପାଖ ରାସ୍ତାରେ ଯାଉଥିବା ଯାତ୍ରୀଙ୍କ ପାଦଶବ୍ଦ ବ୍ୟତୀତ ଆଉ କିଛି ଶୁଣା ଯାଉ ନଥିଲା । ରାତ୍ରିର ସେଇ ଘନ ନିସ୍ତବ୍ଧତା ଭିତରେ ପୁଷି କାନ୍ଦି କାନ୍ଦି କେତେବେଳେ ଶୋଇଯାଇଛି ତା'କୁ ଜଣା ନାହିଁ । ପରଦିନ ସକାଳେ ମେଲ ଗାଡ଼ିଟାର ବିକଟାଳ ରଡ଼ିରେ ତା'ର ନିଦ ଭାଙ୍ଗିଗଲା ଯେ ଦେଖିଲା ଶରବା ତା'ର ଦୁଆର ମୁହଁରେ ଠିଆହୋଇ ପୁଷିକୁ କିଛି ଖବର ଦେବାପାଇଁ ଯେପରି ଅପେକ୍ଷା କରି ବସିଛି ।

ଗଲା ରାତିରେ ସନିଆ ସାଙ୍ଗରେ ଯାଇଥିବା ବାବୁଜଣକ ଆଉ କେହି ନୁହେଁ, ସେ ଜଣେ ଡକାୟତ ଦଳର ମୁଖିଆ । ସନିଆ ପରି ଜଣେ ସୁସୌଷ୍ଠଭ ଯୁବକକୁ ସାଙ୍ଗରେ ନେଇଗଲେ ଡକାୟତିରେ ସହାୟକ ହେବ ବୋଲି ଭାବି ସନିଆକୁ ଧନର ଲୋଭ ଦେଖାଇ ନେଇ ଯାଇଥିଲେ । ମାତ୍ର ସନିଆ ଜାଣି ପାରି ନଥିଲା ଯେ ସେମାନେ ଡକାୟତି ପାଇଁ ବୋମା ଓ ଭୁଜାଲି ଏବଂ ପିସ୍ତଲ ରଖିଛନ୍ତି । ପିସ୍ତଲର ଭୟ ଦେଖାଇ ସନିଆକୁ ବାଧ୍ୟ କଲେ ତାଙ୍କ ସାଙ୍ଗରେ ଯିବାପାଇଁ । ସନିଆ ଇଚ୍ଛା ବିରୁଦ୍ଧରେ ଯାଇଥିଲା । ସେମାନେ ବୋମା ଫୁଟାଇ ଯେଉଁଠାରୁ ଡକାୟତି କଲେ ସେ ଘରର ମୁଖିଆ ବୋମାମାଡ଼ରେ ମରିଯିବାରୁ ଡକାୟତମାନେ ଛତ୍ରଭଙ୍ଗ ଦେଲେ ଏବଂ ସମସ୍ତେ ପେଟ୍ରୋଲିଂରେ ଥିବା ପୋଲିସ୍ ବାହିନୀ ହାତରେ ଧରାହେଲେ । ପୋଲିସ୍ ସେମାନଙ୍କୁ ଆରେଷ୍ଟ କରି ଜେଲକୁ ପଠାଇ ଦେଇଛନ୍ତି ।

ଏ ଖବର ପାଇବା ପରେ ପୁଷି ମୁଣ୍ଡରେ ଯେପରି ସାରା ଆକାଶ ଛିଣ୍ଡି ପଡ଼ିଲା । ସେ କାନ୍ଦିବୋବେଇ ପୋଲିସ ପାଖରେ ପହଞ୍ଚି ନେହୁରା ହୋଇ କହିଲା ଯେ ତା' ସନିଆ କେବେ ମଣିଷକୁ 'ମ' ବୋଲି କହି ପାରେନା, ମଣିଷ ମାରିବା ଦୂରେ ଥାଉ । ଯେଉଁ

ସନିଆ ଦିନେ ପୁଷିକୁ ଛାଡ଼ି ଅନ୍ୟକୁ ଦେଖିବାର ଇଚ୍ଛା ବି କରି ନଥିଲା, ଯେଉଁ ସନିଆ ରାତିର ହଡ଼ଥରା ଶୀତକୁ ଖାତିର ନକରି ମହଣ ମହଣ ଓଜନର ଜିନିଷ ମୁଣ୍ଡ, କାନ୍ଧ ଓ ହାତରେ ଧରି ବାବୁମାନଙ୍କୁ ଅଟୋ, କାର ବା ରିକ୍ସା ପାଖରେ ପହଞ୍ଚାଇ ଦେଇ ଖୁସିରେ ତାର ଦେୟ ନେଇଯାଏ ସେ କ'ଣ କେବେ ମଣିଷ ମାରିବାର ଭାବନା ବି ମନ ଭିତରେ କରିପାରେ ? ପୁଷି ପୁଲିସ୍‌ବାଲାର ଗୋଡ଼ହାତ ଧରି ଅନେକ ନେହୁରା ହୋଇ କହିଲା- ବାବୁ ! ସନିଆ କେବେ କାହା ସହିତ କଳି ବା ଝଗଡ଼ା କରିବାର ବୋଧହୁଏ ଆମ ସାହିରେ କେହି ଦେଖି ନଥିବେ । ସେ ପୁଣି ବୋମା ଫୋପାଡ଼ି ମଣିଷ ମାରିବା ପରି ମହାପାତକ କରି ପାରେନା ।

ପୁଷିର ସମସ୍ତ ବିଳାପ ପୋଲିସ୍‌ବାଲା ମନରେ କୌଣସି ପ୍ରଭାବ ପକାଇ ପାରିଲାନି । ସନିଆ କାନ୍ଦି କାନ୍ଦି ଭୂଇଁରେ ଲୋଟିପଡ଼ି ବାରବାର ପୁଷିକୁ କହୁଥାଏ ପୁଷିଲୋ ! ମୁଁ ନିର୍ଦ୍ଦୋଷ । ମୁଁ କାହାକୁ କିଛି କହିବାର କେବେ ତୁ ଦେଖିଛୁ ପୁଷି ! ନିର୍ଦ୍ଦୟ ପୋଲିସ୍ ସନିଆକୁ ଭିଡ଼ିନେଇ ଜେଲକୁ ପଠାଇଦେଲେ । ପୁଷିକୁ ସାଉଁଟି ଧରି ଶରବା ଘରକୁ ନେଇ ଆସିଲା ସତ ମାତ୍ର ପୁଷି ଖାଇବା ଛାଡ଼ିଦେଇ ସଦାବେଳେ ଘର କୋଣରେ ଖଣ୍ଡିଆ ଶଉପ ଉପରେ ପଡ଼ି ରହିଲା । ତେଣେ ପେଟର ପିଲାଟା ତା'କୁ ବିଧା ଗୋଇଠା ମାରି ଅସ୍ତବ୍ୟସ୍ତ କରି ଦେଉଥାଏ । ସେ କ'ଣ ଜାଣିପାରିଲା ମା'ର ମାନସିକ ଯନ୍ତ୍ରଣାର ମାର୍ମିକ ଅନୁଭବ । କ'ଣ କରିବ ପୁଷି ? ତାକୁ ଚାରିଦିଗ ଅନ୍ଧକାର ଦେଖାଗଲା । ପାଖରେ ତାର ସେପରି କେହି ସାହାଭରସା ନାହିଁ, ଯିଏ କିଛି ସମୟ ପାଇଁ ତା'କୁ ନିଜର ବୋଲି ସାଉଁଟି ନେବ । ଘନ ଅନ୍ଧକାର ଭିତରେ ନିର୍ଜନ ଝୁମ୍ପୁଡ଼ି ବସ୍ତିରେ ସେ ଦିଗହରା ହୋଇ ଉଠେ । ତା'କୁ ଡର ଡର ଲାଗେ । ଶରବା ପୁଷି ପାଖରେ ରହି କହେ ପୁଷି ! ସନିଆ ଭାଇ ଯେପରି ତୋ କଥା ବୁଝୁଥିଲା, ମୁଁ ବୁଝିବି ଲୋ ପୁଷି ! ତୁ ସନିଆ ଭାଇ ଆସିବା ଯାଏ ମୋ ପାଖରେ ନିର୍ଭୟରେ ଚଳି ପାରିବୁ । ତୋର ନୂଆହୋଇ ଆସିବା ଛୁଆକୁ ନେଇ । ତୋର ପଇସା ଦରକାର ହେଲେ ମୁଁ ଦେବି ତୁ ପରେ ସନିଆ ଭାଇ ଆସିଲେ ମୋତେ ଫେରାଇ ଦେବୁ ଲୋ ।

ସଂସାରର ଗତି ଅତି ବିଚିତ୍ର । ଏଠାରେ ଘର କରିଲେ ପଥର ପଡ଼ିଲେ ସହି ନ୍ୟାୟରେ ପୁଷି ଶକ୍ତି ସଞ୍ଚୟ କରି ସମାଜ ସହିତ ଲଢ଼ିବ ବୋଲି ଦୃଢ଼ମନ କଲା । ସରବା କଥାରେ ତା'ର ବିଶ୍ୱାସ ହେଲା । ସନିଆ ପରି ଗୋଟିଏ ସୁନ୍ଦର ପୁଅକୁ ସେ ଜନ୍ମଦେଲା କିଛିଦିନ ପରେ । ଆଜି ସନିଆ ପାଖରେ ଥିଲେ କେତେ ଖୁସି ନ ହୋଇଥାନ୍ତା ସତେ,

ପୁଷି ଭାବେ । ସନିଆ ପାଖକୁ ଜେଲକୁ ଖବର ପଠାଇଲା । ସନିଆ ଖବର ପାଇ ଅନେକ କାନ୍ଦିଲା, ଛାତିରେ ହାତ ବାଡ଼େଇ ଭାଗ୍ୟକୁ ଅନେକ ନିନ୍ଦିଲା । ଜେଲର ଚାରିକାନ୍ଥ ତା'ପାଇଁ ଯେପରି ପୂତିଗନ୍ଧମୟ ଆବିଳ ପରିବେଶ ଭାବେ ପ୍ରତୀୟମାନ ହୁଏ । ତା' ଅବୁଝା ମନ କିଛି ବୁଝେନା । ସେ ପୁଷି ପାଇଁ କାନ୍ଦେ, କାନ୍ଦେ ତା'ର ରକ୍ତ ମାଂସଧାରୀ ନୂତନ ସୃଷ୍ଟି ପାଇଁ । ଏହା ଭିତରେ ସନିଆ ଦୁଃଖ ଓ ଯନ୍ତ୍ରଣାରେ ଅନେକ ଝଡ଼ି ଗଲାଣି । ଦେହ ଓ ମୁହଁରେ ବୟସର ଛାପ ଯେପରି ସୁସ୍ପଷ୍ଟ ହୋଇ ଗଲାଣି । ଏତେବଡ଼ ଦେହଧାରୀ ସନିଆ ନଡ଼ାଖିଅ ପରି ମଣିଷଟେ ହୋଇ ଠିଆ ହୁଏ ।

ଯେଉଁଦିନ କୋର୍ଟର ପରିସର ଭିତରେ ଜଜ୍ ଘୋଷଣା କଲେ ଯେ ମଣିଷ ମାରିବା ଅପରାଧରେ ସନିଆକୁ ଯାବତ୍‌ଜୀବନ କାରାଦଣ୍ଡ ଦିଆଗଲା, ପୁଷି କୋର୍ଟ ଭିତରେ ଅନେକ ବଡ଼ ପାଟିରେ କାନ୍ଦି କାନ୍ଦି ସନିଆର ନିରପରାଧ ପ୍ରମାଣ କରିବାର ଚେଷ୍ଟା କଲା । ପୋଲିସ୍‌ବାଲା ତାକୁ କୋର୍ଟରୁମ୍‌ରୁ ବାହାରକୁ ବାହାର କରିଦେଲେ । ତା'ର ମନେହେଲା ଯେପରି ଅବଶିଷ୍ଟ ଜୀବନ ସନିଆ ବିନା କଟାଇବାକୁ ହେବ । ସେ ଆତ୍ମହତ୍ୟା କରିବାର ପନ୍ଥାକୁ ବୋଧହୁଏ ବାଛି ନିଅନ୍ତା ହେଲେ ସନିଆର ପୁଅକୁ ସନିଆ ହିସାବରେ ଠିଆ କରାଇବାର ଆଶ୍ୱାସନା ହିଁ ତାକୁ ସେ ପଥରୁ ନିବୃତ୍ତ କଲା । ଏମିତି ଦିନ ଗଡ଼ିଚାଲେ ।

ପୁଷି ଏବେ କାମକୁ ଯିବାକୁ ଇଚ୍ଛା କରି ବି ଯାଇ ପାରେନା । ଛୁଆଟାକୁ କାହା ପାଖରେ ଛାଡ଼ି ଯିବ । ତା'ଛଡ଼ା କିଏ ତାକୁ ଦୁଧ ଖୁଆଇବ ଏବଂ ଘଣ୍ଟା ଘଣ୍ଟା ଧରି ବୋକଦେଇ କାନ୍ଦକୁ ତୁନି କରାଇବ ? ସରବା ପୁଷିର ପାଖରେ ବସି କହେ, ପୁଷି ଲୋ ମୁଁ ଥିବାଯାଏ ତୋର କୌଣସି ଅସୁବିଧା କରାଇ ଦେବି ନାହିଁ । ଆଉ ଅନେକ କଥା କହିବ କହିବ ବୋଲି ଭାବି ସରବା ତୁନୀ ରହେ । ପୁଷି ସରବାର ମୁହଁକୁ ଚାହେଁ ହେଲେ ତା'ର ମନର ଭାଷା ବୁଝି ପାରେନା ।

ସେଦିନ ପୁଷି ସରବାର ମୁହଁକୁ ଚାହିଁ ଅବାକ୍ ହୋଇଗଲା ଯେଉଁଦିନ ସରବା ପୁଷିକୁ ବିବାହ ହୋଇ ରହିବାର ପ୍ରସ୍ତାବ ଦେଲା । ସାଇ ବସ୍ତିରେ ସନିଆ ଜେଲ ଯିବା ଦୁଃଖରେ କଳା ପଡ଼ିଯାଇଥିବା ଗୋରା ମୁହଁଟାକୁ ପୁଷି ସରବାର ଆଖିରେ ଦେଖିଯାଏ । ସେ ମନେ ମନେ ଠିକ୍ କଲା ନା, ତା'କୁ ସନିଆ ଆସିବାଯାଏ ଅପେକ୍ଷା କରିବାକୁ ହେବ । ପୁଷି ଏବେ ବେଳେ ବେଳେ କାମକୁ ଯାଏ । ରଇଜଳା ମିସ୍ତ୍ରୀ ପୁଷିର ଗୋଲଗାଲିଆ ଦେହଟାକୁ ଦେଖି ଆଉ ସେହି ଦେହର ଲାଳସାରେ ଦେଖାଇ ଶିଖାଇ ଅନେକ କଥା ପୁଷିକୁ କହେ । ପୁଷି ଆଖିବୁଜି ମିସ୍ତ୍ରୀକୁ ଗାଳିବର୍ଷଣ କରିଯାଏ । ଭଗବାନଙ୍କ ଦ୍ୱାହି ଦେଇ ଅନେକ କଥା ମିସ୍ତ୍ରୀକୁ କହେ । ହେଲେ ଏବେ ସେ ନିଜକୁ ନିଜେ କିପରି ଅସହାୟ ମନେ କରେ ।

ସେଦିନ ସଂଧ୍ୟାଟା ମେଘୁଆ ମେଘୁଆ ପାଗରେ ଭାରି ହାଲ୍‌ପା ଲାଗୁଥାଏ । ଘରେ କିଛି ଜିନିଷ ବି ନଥାଏ । ସରବା ବଜାର ସଉଦା ସହିତ ମାଛ ଆଣି ପୁଷିକୁ ଦେଇ କହେ ପୁଷି ! ଆଜି ମାଛ ରାନ୍ଧେ ସାଥି ହୋଇ ଖାଇବା । ପୁଷି ମାଛ ରାନ୍ଧେ । ଦୁହେଁ ଏକାଠି ଖାଇବାବେଳେ, ସରବା କଥା ବାଢ଼େ ପୁଷି ଲୋ ତୁ ରାଜି ହୋଇଯା' ମୋତେ ବାହା ହେବା ପାଇଁ । ଯଦି ସନିଆ ଭାଇ କେବେ ଆସେ ତୁ ମୋତେ ଛାଡ଼ି ଚାଲିଯିବୁ । ଆଉ ପୁଅ ବି ସନିଆ ଭାଇର ପୁଅ ହୋଇ ରହିବ ।

ସଂସାରର ଭାବଧାରା ଅନେକ ବିଚିତ୍ର ଲାଗେ ପୁଷିକୁ । ସନିଆର ଉଜୁଡ଼ା ଉଜୁଡ଼ା ହାଡୁଆ ଦେହଟାକୁ ମନେ ପକାଇ ତା'ର ଆଖିରୁ ଧାର ଧାର ଲୁହ ଗଡ଼ିଯାଏ । ସେ ଅମାନିଆ ଲୁହ ଯେ କେତେ ଦିନରୁ ତା' ଆଖିରେ ବସାବାନ୍ଧି ରହିଥିଲା ଏବଂ ପୁଷିର ଇଚ୍ଛା ବିରୁଦ୍ଧରେ ଯେ ବହିଚାଲେ ତାହା ବୋଧହୁଏ ପୁଷିର ମାନସିକ ଅସନ୍ତୁଳନରୁ ସମ୍ଭବ ହୁଏ ।

ସାରା ସହରଟା ଦଶହରାର ଝଲମଲ ରୋଷଣୀରେ ଯେତେବେଳେ ମହୋତ୍ସବମୟ ହୋଇଉଠେ, ଯେତେବେଳେ ଶରତର ଆଗମନୀ ଗୀତ ଗାଇ ଗାଇ ମୃଦୁ ମନ୍ଦ ସମୀର ଭସା ମେଘକୁ ଦୂରରୁ ଦୂରକୁ ଉଡ଼ାଇ ନେଇ ଯାଉଥାଏ, ସେତେବେଳେ ମାତୃଜାତିର ପୂଜାପାଇଁ ସାରା ସଂସାର ଯେପରି ସୁରଭିତ ହୋଇ ଉଠେ । ପୁଷିର ମନ ପରିବର୍ତ୍ତନ ପାଇଁ ସରବା ଖଣ୍ଡେ ଜରିଲଗା ଶାଢ଼ୀ, ପୁଅ ପାଇଁ ପେଣ୍ଟ ସାର୍ଟ ଆଣି ପୁଷି ଆଗରେ ଥୋଇ କହିଲା, ପୁଷି ଲୋ ! ଆଜିଠାରୁ ପରା ଅଶିଣର ଯାତରା ଆରମ୍ଭ ହେଲା, ସବୁଆଡ଼େ ତାରା ଫୁଲ ଫୁଟିବା ପରି ଆଲୋକ ତୋରଣ, ଧାଡ଼ି ଧାଡ଼ି ଆଲୁଅର ରୋଷଣୀ । ଚାଲ୍ ଟିକିଏ ବୁଲି ଆସିବା । ପୁଷି ମନମାରି ବସି ନାହିଁ କରେ । ସରବା ପୁଷିକୁ ବୁଝାଏ, ତୁ ବୋଧହୁଏ ମୋତେ ପରବୋଲି ଭାବି ମୋ' ସାଙ୍ଗରେ ଯିବାକୁ ଇଚ୍ଛା କରୁ ନାହୁଁ । ତୁ ଇଚ୍ଛା ନ କଲେ ବି ପୁଅ ଟିକିଏ ବୁଲିଲେ ଖୁସି ହେବ । ତୁ ବି ସନିଆ ପାଇଁ ମା' ପାଖରେ ତାର ମଙ୍ଗଳ ମନାସି ପାରିବୁ । ଏ କଥାରେ ସନିଆର ନାଁ ଉଠିବାରୁ ପୁଷି ଉଠି ବସିଲା ଯାତରା ଦେଖି ଯିବାକୁ ।

ସରବାର ମନର ଆନନ୍ଦ ଆକାଶ ପାତାଳ ମାନୁ ନଥାଏ । ସେ ତା'ର ପୌରୁଷର ଉଦ୍ଦାମ ଆନନ୍ଦରେ ଆନନ୍ଦିତ ହେବା ଯେ ସ୍ୱାଭାବିକ । ପୁଷିକୁ ସାମାନ୍ୟ ମାନସିକ ଶାନ୍ତି ଦେବାପାଇଁ ସରବା ଅନେକ କଥା କହେ, ପୁଷି ହସେ । ସରବା ଭାବେ ପୁଷି ବୋଧହୁଏ

ତା'କୁ ଭଲପାଇ ବସିଲାଣି । ପୁଷି ମନ ଭିତରେ ଥିବା ଅନୁଦ୍ଗମିତ କୋହକୁ ପରିପ୍ରକାଶ ନ କରି ସରବା ସାଥିରେ ରହିବାର ପ୍ରତିଶ୍ରୁତି ଦିଏ ଏବଂ ଦୁହେଁ ପାଖକୁ ପାଖକୁ ଲାଗି ରହନ୍ତି ।

ସମୟ କାହାକୁ ଅପେକ୍ଷା କରେ ନାହିଁ । ଆଜିର ପିଲା ଆସନ୍ତା କାଲିର ଯୁବକ, ପରଦିନ ପ୍ରୌଢ଼, ତା'ପରେ ନିଶ୍ଚେ ବୃଦ୍ଧ ହୋଇଯାଏ । ଏ ସମୀକରଣ ମଣିଷ ଜୀବନରେ ଛାଏଁ ଛାଏଁ ଆସିଯାଏ । ମନୁଷ୍ୟ ଭାବିବାକୁ ସମୟ ପାଏନାହିଁ । ତା'ର ଚୂଳ ଶୁଭ୍ର ହୋଇଉଠେ । ଯମର ଡାକରା ପରେ ଡାକରା ଆସି ଅସ୍ତବ୍ୟସ୍ତ କରେ ।

ୟା' ଭିତରେ ମନ ନଦୀର ଅନେକ ପାଣି ବହି ଯାଇଛି । ପୁଷି ଓ ସରବା ଘର ସଂସାର କରି ରହିଲେଣି । ପାଖରେ ସେମାନଙ୍କ ତଥା ସନିଆର ଏକମାତ୍ର ପୁଅ ମୁନିଆ । ସିଏ ସରବାର ପୁଅ, ସିଏ ପୁଷିର ପୁଅ, ସିଏ ସନିଆର ପୁଅ ବି । ମୁନିଆ ବାରବର୍ଷର ବାଳକ । ପାଠ ପଢ଼ାପଢ଼ି କରିବାକୁ ଗଲାଣି । ପୁଷିର ଗୋଟେ ଗୋଟେ ଚୁଟି ପାଚିବାକୁ ବସିଲାଣି । ହୁଏତ କାମନା, ବାସନା, ଅର୍ଥ, କାମ ଓ ମୋକ୍ଷ ଏଗୁଡ଼ିକ ମନୁଷ୍ୟ ଜୀବନର ଗୋଟିଏ ଗୋଟିଏ ଉପାଦାନ । ବିବାହିତା ପୁଷି ବେଳେ ବେଳେ ସନିଆ କଥା ମନେ ପକାଇ ସମୟ ଅସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଅସରାଏ ଅଦିନିଆ ବର୍ଷା ପରି ସନିଆ ପାଇଁ ଲୁହ ଗଡ଼ାଏ ।

ସେଦିନ ଜେଲର ସାହେବ ସନିଆକୁ ଡାକି କହିଲେ ତୋର ଜେଲ ସମୟ ଶେଷ ହୋଇଯାଇଛି । ତୁ ତୋ' ଘରକୁ ଯାଇପାରୁ । ସନିଆ ଆଉ ସେ ସନିଆ ନାହିଁ ଯାହା ପାଇଁ ଦିନେ ପୁଷି ପାଗଳ ହୋଇ ଯାଉଥିଲା । ତା' ଦେହରେ କେତେଖଣ୍ଡ ହାଡ଼ ଥିବା ଗୋଟିଏ ଅସ୍ଥିକଙ୍କାଳ ମାତ୍ର । ବଡ଼ ବଡ଼ ପାକଲା ଦାଢ଼ିଥିବା ଗୋଟାଏ ପାଗଳ ପରି ଲାଗେ । ସେ ଜେଲର ସାହେବକୁ ଅନୁରୋଧ କରିଥିଲା ତା'କୁ ସେଠାରେ ମରିବା ପର୍ଯ୍ୟନ୍ତ ରହିବା ପାଇଁ । ସେ ଚାହେଁନା ଯେ ତା'ଲାଗି ତା'ର ପୁଷି ଦୁଃଖ ପାଉ । ସନିଆ ଜେଲ ବାହାରକୁ ଆସିବାପରେ ଏତେ ବଡ଼ ଦୁନିଆଟା ତାକୁ ଏକା ଏକା ଲାଗେ । ସେ ଯେପରି ଗୋଟାଏ ଅଲୋଡ଼ା ବସ୍ତୁ । ବଂଚି ରହିବାକୁ ଯେପରି ତା'ର ଘୃଣା ତୀବ୍ରତର ହୋଇ ଉଠିଛି ।

ସନିଆ କୌଣସି ମତେ ତା'ର ଘର ପାଖରେ ପହଞ୍ଚି ନିଜ ରକ୍ତ ମାଂସର ପୁଅକୁ ଦେଖି ପକାଏ । ଆଖିରେ ଆଖିଏ ଲୁହ ନେଇ ପୁଷିକୁ ଦୂରରୁ ଦେଖେ । ତା'ର ଉଜୁଡ଼ା ସଂସାରକୁ ଦେଖେ । ହେଲେ ତାକୁ କେହି ଚିହ୍ନି ପାରନ୍ତି ନାହିଁ । ସେ ଚାହେଁନା ପୁଷିର

ସୁନ୍ଦର ସଂସାରଟା ତା'ର ପରିଚିତି ଯୋଗୁଁ ଉଜୁଡ଼ି ଯାଉ । ତା' ପୁଷିର ପୂର୍ଣ୍ଣିମାମୟ ମନ ଆକାଶରେ କେବେ ବି ଅମାବାସ୍ୟାର ଚନ୍ଦ୍ର ଉଙ୍କି ମାରିବାକୁ ସନିଆ ଦେବ ନାହିଁ । ଲୋକ ତାକୁ ଗୋଟାଏ ପାଗଳ ବୋଲି ଭାବନ୍ତି । ସାଇ ପିଲାଏ ଟେକା ପଥର ଫିଙ୍ଗନ୍ତି । ହେଲେ ସନିଆ ତା'ର ନିଜର ପୁଷିକୁ ଦୂରରୁ ଦେଖି ଦେଖି ସେଇ ରାସ୍ତା କଡ଼ରେ ପଡ଼ିରହେ ।

ଦିନେ ବର୍ଷାରେ ଭିଜିଯାଇ ସନିଆର ଦେହ ଖରାପ ହୋଇଯାଏ । ସେ ସେଇ ବାରଣ୍ଡାର ଏକ ପରିତ୍ୟକ୍ତ ସ୍ଥାନରେ ଶେଷ ନିଃଶ୍ୱାସ ତ୍ୟାଗ କରେ । ଦେଖଣାହାରୀ କହିଲେ ବିଚରା ପାଗଳଟା ମରିଗଲାନି ଯେ ତରିଗଲା । ତ୍ରାହି ପାଇଗଲା । ସରବା ଓ ପୁଷି ଦେଖିବାକୁ ଯା'ନ୍ତି କିଏ ସେ ପାଗଳ ବୋଲି ଯିଏ ରାସ୍ତାର ପରିତ୍ୟକ୍ତ ସ୍ଥାନରେ ପଡ଼ିରହି ଜୀବନର ଅନ୍ତିମ ଶ୍ୱାସ ନେଉଥିଲା ।

ପୁଷି ଅନେକ ନିରୀକ୍ଷଣ କରି ଦେଖିଲାପରେ ତା'ର ପାଟିରୁ ବିରାଟ ଆର୍ତ୍ତନାଦ ଶୁଣାଗଲା । ସନିଆରେ, ତୁ ଏତେ ଦିନ ମୋର ଏତେ ପାଖରେ ରହି ମୋତେ ଠକି ଚାଲିଗଲୁ ରେ....... !

ବିଚରା ସନିଆର ଆତ୍ମା ନୂଆକରି ଗଢି ଉଠିଥିବା ପୁଷିର ସଂସାରକୁ ଆଶୀର୍ବାଦ ବର୍ଷଣ କରିବା ପରି ଲାଗିଲା । କେହି କେହି କହି ଉଠିଲେ ବିଚରା ସନିଆଟା ...... ।

